Teachingninja.in

Latest Govt Job updates

Private Job updates

Free Mock tests available

Visit - teachingninja.in

# OPSC
# PGT
## Previous Year Paper
## (Odia)
## 03 Jul, 2022

Teachingninja.in

**DO NOT OPEN THIS TEST BOOKLET UNTIL YOU ARE ASKED TO DO SO**

**T. B. C. : PGT – 7/20**

**Test Booklet Series**

**A**

# TEST BOOKLET

**(PART – B)**

**(ODIA)**

**70513**

**Sl. No.**

*Time Allowed : 2 Hours*

*Maximum Marks : 100*

## : INSTRUCTIONS TO CANDIDATES :

1. IMMEDIATELY AFTER THE COMMENCEMENT OF THE EXAMINATION, YOU SHOULD CHECK THAT THIS TEST BOOKLET **DOES NOT** HAVE ANY UNPRINTED OR TORN OR MISSING PAGES OR ITEMS ETC. IF SO, GET IT REPLACED BY A COMPLETE TEST BOOKLET OF THE SAME SERIES ISSUED TO YOU.
2. ENCODE CLEARLY THE TEST BOOKLET SERIES **A, B, C** OR **D**, AS THE CASE MAY BE, IN THE APPROPRIATE PLACE IN THE ANSWER SHEET USING BALL POINT PEN (BLUE OR BLACK).
3. You have to enter your **Roll No.** on the Test Booklet in the Box provided alongside. **DO NOT** write *anything else* on the Test Booklet.
4. **YOU ARE REQUIRED TO FILL UP & DARKEN ROLL NO., TEST BOOKLET / QUESTION BOOKLET SERIES IN THE ANSWER SHEET AS WELL AS FILL UP TEST BOOKLET / QUESTION BOOKLET SERIES AND SERIAL NO. AND ANSWER SHEET SERIAL NO. IN THE ATTENDANCE SHEET CAREFULLY. WRONGLY FILLED UP ANSWER SHEETS ARE LIABLE FOR REJECTION AT THE RISK OF THE CANDIDATE.**
5. This Test Booklet contains **100** items (questions). Each item (question) comprises four responses (answers). You have to select the correct response (answer) which you want to mark (darken) on the Answer Sheet. In case, you feel that there is more than one correct response (answer), you should mark (darken) the response (answer) which you consider the best. In any case, choose **ONLY ONE** response (answer) for each item (question).
6. You have to mark (darken) all your responses (answers) **ONLY** on the **separate Answer Sheet** provided by **using BALL POINT PEN (BLUE OR BLACK)**. See instructions in the Answer Sheet.
7. All items (questions) carry equal marks. All items (questions) are compulsory. Your total marks will depend only on the number of correct responses (answers) marked by you in the Answer Sheet. **There will be no negative marking for wrong response (answer).**
8. Before you proceed to mark (darken) in the Answer Sheet the responses (answers) to various items (questions) in the Test Booklet, you have to fill in some particulars in the Answer Sheet as per the instructions sent to you with your **Admission Certificate**.
9. After you have completed filling in all your responses (answers) on the Answer Sheet and after conclusion of the examination, you should hand over to the Invigilator the *Answer Sheet* issued to you. You are allowed to take with you the candidate's copy / second page of the Answer Sheet along with the **Test Booklet**, after completion of the examination, for your reference.
10. Sheets for rough work are appended in the Test Booklet at the end.

**DO NOT OPEN THIS TEST BOOKLET UNTIL YOU ARE ASKED TO DO SO**

SEAL

Teachingninja.in

1. ଅଶୋକଙ୍କ ଶିଳାଲେଖର ଭାଷା କ'ଣ ?

(A) ପ୍ରାକୃତ

(B) ଅପଭ୍ରଂଶ

(C) ପାଲି

(D) ମାଗଧୀ

2. ଓଡ଼ିଆ ଭାଷା କେଉଁ ଅପଭ୍ରଂଶ ଭାଷାରୁ ସୃଷ୍ଟ ?

(A) ଉତ୍ତରୀ ମାଗଧୀ ଅପଭ୍ରଂଶ

(B) ପୂର୍ବ ମାଗଧୀ ଅପଭ୍ରଂଶ

(C) ଅର୍ଦ୍ଧମାଗଧୀ ଅପଭ୍ରଂଶ

(D) ମହାରାଷ୍ଟ୍ରୀ ଅପଭ୍ରଂଶ

3. ମାଗଧୀ ପ୍ରାକୃତ, ଅପଭ୍ରଂଶ ସହିତ ଆଉ କେଉଁ ଭାଷାର ଲକ୍ଷଣ ଓଡ଼ିଆ ଭାଷାରେ ଦେଖାଯାଏ ?

(A) ପୈଶାଚୀ

(B) ମହାରାଷ୍ଟ୍ରୀ

(C) ଅଷ୍ଟିକ

(D) କେଉଁଟି ନୁହେଁ

4. ଜୟ ବିଜୟ ଶିଳାଲେଖ କେଉଁ ମନ୍ଦିରରେ ରହିଛି ?

(A) ଶ୍ରୀ ଜଗନ୍ନାଥ ମନ୍ଦିର, ପୁରୀ

(B) ଲିଙ୍ଗରାଜ ମନ୍ଦିର, ଭୁବନେଶ୍ୱର

(C) ସୂର୍ଯ୍ୟ ମନ୍ଦିର, କୋଣାର୍କ

(D) ଲୋକନାଥ ମନ୍ଦିର, ପୁରୀ

5. ଭାଷାବିଦମାନଙ୍କ ମତରେ ଚର୍ଯ୍ୟାଗୀତିକା କେଉଁ ଭାଷାରେ ରଚିତ ?

(A) ପ୍ରାଚୀନ ବଙ୍ଗଳା

(B) ପ୍ରତ୍ନ ଓଡ଼ିଆ

(C) ପୂର୍ବାମାଗଧୀ ଅପଭ୍ରଂଶ

(D) ଦକ୍ଷିଣ ପୂର୍ବୀ ମାଗଧୀ

6. କେଉଁ ଭାଷାକୁ ପାଣିନି 'ଛନ୍ଦମ୍' କହିଛନ୍ତି ?

(A) ସଂସ୍କୃତ

(B) ବୈଦିକ ସଂସ୍କୃତ

(C) ଲୌକିକ ସଂସ୍କୃତ

(D) ପ୍ରାକୃତ

7. 'ମୋଲାଣ' ଶବ୍ଦଟି କେଉଁ ଶବ୍ଦରୁ ଆସିଛି ?

(A) ମୋରାଣ

(B) ମୟୂର

(C) ମୃଣାଳ

(D) ପରାଣ

8. ସଂସ୍କୃତ ଭାଷାର ପରବର୍ତ୍ତୀ ଅବସ୍ଥାଟିକୁ କେଉଁ ଭାବରେ ଆଖ୍ୟାୟିତ କରାଯାଏ ?

(A) ପାଲି

(B) ପ୍ରାକୃତ

(C) ଅପଭ୍ରଂଶ

(D) ସୌରସେନୀ



Teachingninja.in

9. 'ଝଙ୍କାର' କି ପ୍ରକାରର ଶବ୍ଦ ?

(A) ତତ୍ସମ

(B) ଅର୍ଦ୍ଧ ତତ୍ସମ

(C) ତଦ୍‌ଭବ

(D) ଦେଶଜ

10. 'ତତ୍ସମ' ଶବ୍ଦକୁ ଓଡ଼ିଆରେ କ'ଣ କୁହାଯାଏ ?

(A) ଆଗନ୍ତୁକ ଶବ୍ଦ

(B) ଅର୍ବାଚୀନ ଶବ୍ଦ

(C) ସଂସ୍କୃତ ଶବ୍ଦ

(D) ସାଧୁ ଶବ୍ଦ

11. 'ନଡ଼ା' ସଂସ୍କୃତର କେଉଁ ଶବ୍ଦରୁ ଉତ୍ପନ୍ନ ?

(A) ନପ୍ତା

(B) ନଡ

(C) ନଗ

(D) ନଳ

12. ଆଦିବାସୀଙ୍କ ଦ୍ୱାରା କଥିତ ଭାଷାକୁ କ'ଣ କୁହାଯାଏ ?

(A) ଦ୍ରାବିଡ଼

(B) ଅଷ୍ଟ୍ରିକ

(C) ପାରସିକ

(D) ତୁର୍କୀ

13. ଭାଷାର ଯେଉଁ ଶବ୍ଦଗୁଡ଼ିକର ବ୍ୟୁତ୍ପତ୍ତି ନିର୍ଣ୍ଣୟ କରିବା ସମ୍ଭବ ନୁହେଁ, ସେଗୁଡ଼ିକୁ କି ଆଖ୍ୟା ଦିଆଯାଇଥାଏ ?

(A) ପାର୍ସୀ

(B) ଦେଶଜ

(C) ତଦ୍‌ସମ

(D) ପାଲି

14. 'ଲୋକସାନ' ଶବ୍ଦଟିର ମୂଳ କେଉଁ ଭାଷାରେ ରହିଛି ?

(A) ସଂସ୍କୃତ

(B) ଦ୍ରାବିଡ଼

(C) ପର୍ତ୍ତୁଗୀଜ

(D) ଯାବନିକ

15. 'ପିସ୍ତଲ' ଶବ୍ଦ କେଉଁ ଭାଷାରୁ ଆସିଛି ?

(A) ଇଂରାଜୀ

(B) ପାର୍ସୀ

(C) ପର୍ତ୍ତୁଗୀଜ

(D) ଦେଶଜ

16. କୁଞ୍ଜବିହାରୀ ତ୍ରିପାଠୀ ଜଗନ୍ନାଥ ଦାସଙ୍କ ଭାଗବତର ଭାଷାକୁ କେଉଁ ପ୍ରାକୃତ କୁହାଯାଇ ପାରେ ବୋଲି ମତ ଦେଇଛନ୍ତି ?

(A) ସ୍ୱାଭାବିକ ପ୍ରାକୃତ

(B) ଓଡ଼ିଆ ସାହିତ୍ୟିକ ପ୍ରାକୃତ

(C) ମାଗଧୀ ପ୍ରାକୃତ

(D) ଅର୍ଦ୍ଧ ମାଗଧୀ ପ୍ରାକୃତ



Teachingninja.in

17. 'ହାତୁଣୀ' କେଉଁ ଶବ୍ଦରୁ ଉତ୍ପନ୍ନ ?

(A) ଦ୍ରାବିଡ଼

(B) ଯାବନିକ

(C) ଦେଶଜ

(D) ତଦ୍ଭବ

18. ବିଶ୍ୱର ଭାଷାଭାଷୀମାନଙ୍କୁ ମୁଖ୍ୟତଃ କେତୋଟି ପରିବାରରେ ବିଭକ୍ତ କରାଯାଇଛି ?

(A) ନଅ

(B) ସାତ

(C) ଛଅ

(D) ଦଶ

19. 'କଳାପାତି' ଶବ୍ଦଟି କେଉଁ ଭାଷାରୁ ଓଡ଼ିଆ ଭାଷାକୁ ଆସିଛି ?

(A) ପର୍ତ୍ତୁଗୀଜ

(B) ପାର୍ସୀ

(C) ଆରବୀ

(D) ଯାବନିକ

20. ଚର୍ଯ୍ୟାଗୀତଗୁଡ଼ିକ କେଉଁ ମସିହାରେ 'ବୌଦ୍ଧଗାନ ଓ ଦୋହା' ନାମରେ ପ୍ରକାଶିତ ହୋଇଥିଲା ?

(A) ୧୯୧୨

(B) ୧୯୧୫

(C) ୧୯୧୬

(D) ୧୯୧୭

21. 'ଉଦକ ଚାନ୍ଦ ଜିମ ସାଚନାମିଚ୍ଛା' — କେଉଁ କବିଙ୍କ ରଚନା ?

(A) ସରହପାଦ

(B) କାହ୍ନୁପାଦ

(C) କୁକ୍କୁରୀପାଦ

(D) ଲୁଇପାଦ

22. କିମ୍ବଦନ୍ତୀ ଅନୁଯାୟୀ ମାଦଳାପାଂଜି କେଉଁ ରାଜାଙ୍କ ସମୟରେ ଆରମ୍ଭ ହୋଇଥିଲା ?

(A) ଚୋଡ଼ଗଙ୍ଗ ଦେବ

(B) ଦ୍ୱିତୀୟ ଭାନୁ ଦେବ

(C) କପିଳେନ୍ଦ୍ର ଦେବ

(D) ପ୍ରତାପରୁଦ୍ର ଦେବ

23. 'ରୁଦ୍ରସୁଧାନିଧି' ଗ୍ରନ୍ଥର ଲେଖକ କିଏ ?

(A) ବତ୍ସା ଦାସ

(B) ନାରାୟଣାନନ୍ଦ ଅବଧୂତ ସ୍ୱାମୀ

(C) ନିଳାମ୍ବର ବିଦ୍ୟାଧର

(D) ଶିବ ଦାସ

24. 'ଚତୁରବିନୋଦ' ଗ୍ରନ୍ଥରେ ଥିବା ମୁଖ୍ୟ ଚରିତ୍ର ଦ୍ୱୟ କିଏ ?

(A) ମାର୍ଜାର ମୁଖା ଓ ବିଳାପ ମୁଖୀ

(B) ମୋହନାଙ୍ଗ ଓ ଚଂଚଳାକ୍ଷୀ

(C) ତରୁଣକାନ୍ତ ଓ ହେମାଙ୍ଗୀ

(D) କୁନ୍ଦରେଖା ଓ ପୁଣ୍ଡରୀକ



Teachingninja.in

25. 'କଳସା ଚଉତିଶା' କେଉଁ ଧର୍ମ ଉପରେ ଆଧାରିତ ?

(A) ବୌଦ୍ଧ ଧର୍ମ

(B) ଶୈବ ଧର୍ମ

(C) ଶାକ୍ତ ଧର୍ମ

(D) ନାଥ ଧର୍ମ

26. 'ଜଗମୋହନ ରାମାୟଣ'ର କବି କିଏ ?

(A) ଜଗନ୍ନାଥ ଦାସ

(B) ଅନନ୍ତ ଦାସ

(C) ବଳରାମ ଦାସ

(D) ଅଚ୍ୟୁତାନନ୍ଦ ଦାସ

27. ମହାଦେବ ଦାସ କେଉଁ ପୁରାଣର ରଚକ ?

(A) ବିଷ୍ଣୁକେଶରୀ ପୁରାଣ

(B) ଚଣ୍ଡି ପୁରାଣ

(C) ସୂର୍ଯ୍ୟ ପୁରାଣ

(D) ଶିବ ପୁରାଣ

28. 'ଶୂନ୍ୟ ସଂହିତା'ର ଲେଖକ କିଏ ?

(A) ଅନନ୍ତ ଦାସ

(B) ବଳରାମ ଦାସ

(C) ଜଗନ୍ନାଥ ଦାସ

(D) ଅଚ୍ୟୁତାନନ୍ଦ ଦାସ

29. 'କଳ୍ପଲତା' କେଉଁ ଧରଣର କାବ୍ୟ ?

(A) ସାମାଜିକ

(B) କାଳ୍ପନିକ

(C) ପୌରାଣିକ

(D) ଐତିହାସିକ

30. 'ରଘୁନାଥ ବିଳାସ' କାବ୍ୟର ଲେଖକ କିଏ ?

(A) ନୀଳକଣ୍ଠ ଭଞ୍ଜ

(B) ଉପେନ୍ଦ୍ର ଭଞ୍ଜ

(C) ପଦ୍ମାନନ୍ଦ ଭଞ୍ଜ

(D) ଧନଞ୍ଜୟ ଭଞ୍ଜ

31. 'ପଲଙ୍କ ତେଜିଣ ଉଠିଲା ସୁମୁଖୀ ସପନ ସଙ୍କେତ ପାଇଣ' କେଉଁ ଗ୍ରନ୍ଥରୁ ଉଦ୍ଧୃତ ?

(A) କଳ୍ପଲତା

(B) ଚାଟ ଇଚ୍ଛାବତୀ

(C) ଉଷାଭିଳାସ

(D) ଇଚ୍ଛାବତୀ

32. କେଉଁ ମନ୍ତ୍ର ଜପ କରି ଉପେନ୍ଦ୍ର କବିତ୍ୱ ସିଦ୍ଧି ଲାଭ କରିଥିଲେ ?

(A) ରାମତାରକ ମନ୍ତ୍ର

(B) ଶିବ ଉପାସନା ମନ୍ତ୍ର

(C) ମଙ୍ଗଳା ଅଷ୍ଟକ ମନ୍ତ୍ର

(D) ଗାୟତ୍ରୀ ମନ୍ତ୍ର



Teachingninja.in

33. 'ସର୍ବାଙ୍ଗ ସୁନ୍ଦରୀ' କାବ୍ୟର ସ୍ରଷ୍ଟା କିଏ ?

(A) ଘନ ଭଞ୍ଜ

(B) କେଶବରାଜ ହରିଚନ୍ଦନ

(C) ଉପେନ୍ଦ୍ର ଭଞ୍ଜ

(D) ଲୋକନାଥ ବିଦ୍ୟାଧର

34. 'ଶ୍ୟାମନାଗର ହେ ଏ ବେଶ ହୋଇବ ନାହିଁ' ପଦାବଳୀର ରଚୟିତା କିଏ ?

(A) ବନମାଳୀ ଦାସ

(B) ଗୌରହରି ଦାସ

(C) ଗୋପାଳକୃଷ୍ଣ ପଟ୍ଟନାୟକ

(D) ବଳଦେବ ରଥ

35. 'କଳାକଳେବର ଚଉତିଶା'ର ଲେଖକ କିଏ ?

(A) ବନମାଳୀ

(B) ଗୌରଚରଣ

(C) ଭକ୍ତଚରଣ

(D) ହରିବନ୍ଧୁ

36. 'ଅକାମନ ଚାଲଯିବା, ଚକାନୟନ ଦେଖିବା' ଏହି ପଦର ରଚୟିତା କିଏ ?

(A) ଗୋପାଳକୃଷ୍ଣ

(B) ସାରିଆଭିକ

(C) ହରିବନ୍ଧୁ

(D) ବଳଦେବ

37. ପାଞ୍ଚାଳୀ ଓ ଗୌଡ଼ୀ ରୀତିର ସମିଶ୍ରଣରେ କେଉଁ ରୀତିର ସୃଷ୍ଟି ?

(A) ଲାଟୀ ରୀତି

(B) ଗୌଡ଼ୀ ରୀତି

(C) ବୈଦର୍ଭୀ ରୀତି

(D) ପାଂଚାଳୀ ରୀତି

38. ବୈଦର୍ଭୀ ରୀତି କେଉଁ ରସର ଅନୁକୂଳ ?

(A) ବୀର ରସ

(B) ଶୃଙ୍ଗାର ରସ

(C) ହାସ୍ୟ ରସ

(D) ଶାନ୍ତ ରସ

39. ପ୍ରଥମ ପ୍ରେସ୍‌ର ନାମ କ'ଣ ?

(A) କଟକ ପ୍ରିଣ୍ଟିଂ ପ୍ରେସ୍

(B) ଉତ୍କଳ ପ୍ରିଣ୍ଟିଂ ପ୍ରେସ୍

(C) କଟକ ମିଶନ୍ ପ୍ରେସ୍

(D) ଦେ ପ୍ରେସ୍

40. ଆଧୁନିକ ଯୁଗ କେଉଁ ନାମରେ ନାମିତ ?

(A) ମଧୁସୂଦନ ଯୁଗ

(B) ରାଧାନାଥ ଯୁଗ

(C) ଗଙ୍ଗାଧର ଯୁଗ

(D) କେଉଁଟି ନୁହେଁ



Teachingninja.in

41. ଉତ୍କଳ ଦୀପିକା କେଉଁ ମସିହାରେ ପ୍ରକାଶିତ ?

(A) ୧୮୬୬

(B) ୧୮୬୫

(C) ୧୮୬୪

(D) ୧୮୬୩

42. 'ବିବିଧ ପ୍ରବନ୍ଧ' ଗ୍ରନ୍ଥର ଲେଖକ କିଏ ?

(A) ମୋହିନୀ ମୋହନ ସେନାପତି

(B) ଶଶିଭୂଷଣ ରାୟ

(C) ନୀଳକଣ୍ଠ ଦାସ

(D) ବିଶ୍ୱନାଥ କର

43. 'ରେବତୀ' ଗଳ୍ପ କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?

(A) ଉତ୍କଳ ଦୀପିକା

(B) ଉତ୍କଳ ସାହିତ୍ୟ

(C) ଉତ୍କଳ ମଧୁପ

(D) ଉତ୍କଳ ହିତୈଷିଣୀ

44. ଓଡ଼ିଆ ଚତୁର୍ଦ୍ଦଶ ପଦୀ କବିତାର ପ୍ରଥମ ସ୍ରଷ୍ଟା କିଏ ?

(A) ରାଧାନାଥ ରାୟ

(B) ଫକୀରମୋହନ ସେନାପତି

(C) ମଧୁସୂଦନ ରାଓ

(D) କୁନ୍ତଳା କୁମାରୀ ସାବତ

45. ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥମ ଗଳ୍ପ ସଂକଳନର ନାମ କ'ଣ ?

(A) ଚିତ୍ର

(B) ଗଳ୍ପସ୍ୱଳ୍ପ

(C) କଥାକଦମ୍ବ

(D) କଥା ଲହରୀ

46. ଜଗନମୋହନ ଲାଲାଙ୍କ ରଚିତ ଦ୍ୱିତୀୟ ନାଟକ କ'ଣ ?

(A) ବାବାଜୀ

(B) ବୁଡ଼ାବର

(C) ସତୀ

(D) କଳିକାଳ

47. 'ହରିସାହୁ ଉପାଖ୍ୟାନ' ସାରଳା ମହାଭାରତର କେଉଁ ପର୍ବରେ ବର୍ଣ୍ଣିତ ?

(A) ଆଦି ପର୍ବ

(B) ସ୍ୱର୍ଗାରୋହଣ ପର୍ବ

(C) ଗଦା ପର୍ବ

(D) ବନ ପର୍ବ

48. 'ମାଟିର ମହାକବି ସାରଳା ଦାସ' ଗ୍ରନ୍ଥର ଲେଖକ କିଏ ?

(A) ବଂଶୀଧର ମହାନ୍ତି

(B) ସର୍ବେଶ୍ୱର ଦାସ

(C) ମାୟାଧର ମାନସିଂହ

(D) ପଠାଣି ପଟ୍ଟନାୟକ



Teachingninja.in

49. 'ଉଦୟ କାହାଣୀ' ଅନୁସାରେ ପଞ୍ଚସଖାଙ୍କ ମଧ୍ୟରେ ବୟୋଜ୍ୟେଷ୍ଠ କିଏ ?

(A) ବଳରାମ ଦାସ

(B) ଯଶୋବନ୍ତ ଦାସ

(C) ଅଚ୍ୟୁତାନନ୍ଦ ଦାସ

(D) ଜଗନ୍ନାଥ ଦାସ

50. "ତୁଳାକୁ ଭିଣନ୍ତି ଯେସନ

ସେ ରୂପେ କରିବା ବଖାଣ"

କିଏ କାହାକୁ କହିଛନ୍ତି ?

(A) ଶିବ-ପାର୍ବତୀଙ୍କୁ

(B) ରାମ-ସୀତାଙ୍କୁ

(C) ରାଧା-କୃଷ୍ଣଙ୍କୁ

(D) ନଳ-ଦମୟନ୍ତିଙ୍କୁ

51. "ଭୁଲାମନ ଭୁଲୁ କାହିଁକି

ଉଡୁଚି କାଳ ସଂଚାଣ ମନେ କାହିଁକି"

ଭଜନର ସ୍ରଷ୍ଟା କିଏ ?

(A) ରାମ ଦାସ

(B) ଦ୍ୱାରିକା ଦାସ

(C) ଦନେଇ ଦାସ

(D) ଜଗନ୍ନାଥ ଦାସ

52. ଜଗନ୍ନାଥ ଦାସ ଓଡ଼ିଆ ଭାଗବତର କେତୋଟି ସ୍କନ୍ଧ ରଚନା କରିଛନ୍ତି ?

(A) ଦଶମ ସ୍କନ୍ଧ

(B) ଏକାଦଶ ସ୍କନ୍ଧ

(C) ଦ୍ୱାଦଶ ସ୍କନ୍ଧ

(D) ତ୍ରୟୋଦଶ ସ୍କନ୍ଧ

53. 'ରହସ୍ୟ ମଂଜରୀ' କାବ୍ୟରେ କି ପ୍ରକାର ଭକ୍ତି ଚିତ୍ର ଅଙ୍କିତ ?

(A) ସୁଧା ଭକ୍ତି

(B) ସ୍ୱକୀୟା ପ୍ରେମଭକ୍ତି

(C) ପରକୀୟା ପ୍ରେମଭକ୍ତି

(D) ରାଗାନୁଗା ପ୍ରେମଭକ୍ତି

54. 'ପୁଷ୍ପଶର ଯୁଗରେ, ବାମଦେବ ସଂଗତେ,

ବସନ୍ତ ଋତୁ ଅଇଲା, ମଇତ୍ରକୁ ସଂପନା

ହୋଇବାକୁ କରି ଆକାଶେ ନିର୍ମଳ ହୋଇ

ଚନ୍ଦ୍ର ଉଇଁଲା' — କେଉଁ କବିଙ୍କ ରଚନା ?

(A) ବିଷ୍ଣୁ ଦାସ

(B) ନାରାୟଣାନନ୍ଦ ଅବଧୂତ ସ୍ୱାମୀ

(C) ଅର୍ଜୁନ ଦାସ

(D) ଦନାଇ ଦାସ

55. "ଏଥି ଉତାରେ ରଜନୀ ପ୍ରଭାତ ହୋଇଲା×××

ନାୟିକା ସ୍ଥିରି ସ୍ତନ ମଣ୍ଡଳ ଉଷୁମ ଭାଙ୍ଗିଲା×××"

କେଉଁ ପ୍ରସଙ୍ଗରେ ଏହା ବର୍ଣ୍ଣିତ ?

(A) ଶୃଙ୍ଗାର ବର୍ଣ୍ଣନା

(B) ବିରହ ବର୍ଣ୍ଣନା

(C) ପ୍ରଭାତ ବର୍ଣ୍ଣନା

(D) ନାରୀ ରୂପ ବର୍ଣ୍ଣନା



Teachingninja.in

56. 'ମୁଁ ନୁହେଁ ଧୂପର ହୀରୋ ଗାର୍ଲସ୍କୁଲ

ଚୁମ୍ବନ ବା ଚଂପୁର ନାୟକ'

କବିତାର କବି କିଏ ?

(A) ସଚ୍ଚି ରାଉତରାୟ

(B) ବେଣୁଧର ରାଉତ

(C) ଜାନକୀ ବଲ୍ଲଭ ମହାନ୍ତି

(D) ଗୁରୁପ୍ରସାଦ ମହାନ୍ତି

57. 'ରସପଞ୍ଚକ' କେଉଁ ପ୍ରକାରର କାବ୍ୟ ?

(A) ରୀତି

(B) କାଳ୍ପନିକ

(C) ଆଳଙ୍କାରିକ

(D) ଧ୍ୱନ୍ୟାତ୍ମକ

58. 'କଳସା ଚଉତିଶା'ର ସ୍ରଷ୍ଟା କିଏ ?

(A) ବତ୍ସା ଦାସ

(B) ଦନାଇ ଦାସ

(C) ପୁରୁଷୋତ୍ତମ ଦାସ

(D) ବନମାଳୀ ଦାସ

59. 'କିଶୋର ଚନ୍ଦ୍ରାନନ୍ଦ ଚଂପୂ'ରେ ରାଧାଙ୍କ ସଖୀ କିଏ ?

(A) ମୋହିନୀ

(B) ମଂଜରୀ

(C) ବିଶାଖା

(D) ଲଳିତା

60. 'କଳସା ଚଉତିଶା' କେଉଁ ପ୍ରକାରର ଗୀତ ?

(A) ମଙ୍ଗଳ ଗୀତ

(B) ବିବାହ ଗୀତ

(C) ବିରହ ଗୀତ

(D) ମିଳନ ଗୀତ

61. କେତୋଟି ଚଉପଦୀର ସମାହାରରେ ଚଉପଦୀ ରତ୍ନାକର କାବ୍ୟ ରଚିତ ?

(A) ୨୭

(B) ୨୮

(C) ୨୯

(D) ୩୦

62. 'ଚେଡି ଚତୁରୀ ଚାହିଁଲା ନିଶିନାଶେ ପାଶେ ନାହିଁ ଦିବ୍ୟ ତରୁଣ' — ଏହା କେଉଁ କାବ୍ୟରୁ ଆନୀତ ?

(A) ରସିକ ହାରାବଳୀ

(B) ଲାବଣ୍ୟବତୀ

(C) କପଟକେଳୀ

(D) ଗୋପୀ ଭାଷା

63. ରସକଲ୍ଲୋଳରେ ବର୍ଷାଋତୁ ବର୍ଣ୍ଣନା କେଉଁ ଛାନ୍ଦରେ ରହିଛି ?

(A) ଅଠର ଛାନ୍ଦ

(B) କୋଡ଼ିଏ ଛାନ୍ଦ

(C) ଚଉଦ ଛାନ୍ଦ

(D) ଷୋହଳ ଛାନ୍ଦ



Teachingninja.in

64. 'କବି ଯାକରେ ମୂର୍ଖକୁ ସ୍ତୁତି' — ପଂକ୍ତିରେ ମୂର୍ଖ କାହାକୁ କୁହାଯାଇଛି ?

(A) ରାଜା

(B) ପ୍ରଜା

(C) ଧନୀ

(D) ଗରୀବ

65. ଅଭିମନ୍ୟୁ ସାମନ୍ତସିଂହାରଙ୍କ ଗୁରୁ କିଏ ?

(A) ହରିବଂଶ ରାୟ

(B) ଦୀନବନ୍ଧୁ ରାଜ ହରିଚନ୍ଦନ

(C) ଜଗନ୍ନାଥ ନାରାୟଣ ଦେବ

(D) ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା

66. କବି ବିନୋଦ ଚନ୍ଦ୍ର ନାୟକ କେଉଁ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ ?

(A) ୧୯୬୯

(B) ୧୯୭୦

(C) ୧୯୮୧

(D) ୧୯୮୪

67. 'ଧୀରେ ଘେନ କାନନରେ କୃଷ୍ଣ ବିଳମ୍ବିତ' କେଉଁ କାବ୍ୟରୁ ଆନୀତ ?

(A) ରସକଲ୍ଲୋଳ

(B) ବିଦଗ୍ଧ ଚିନ୍ତାମଣି

(C) କଳାକଉତୁକ

(D) ଗୋପୀଚନ୍ଦନ

68. 'ଚଉତିଶା ମଧୁଚକ୍ର'ର ପ୍ରକାଶ ମସିହା କେତେ ?

(A) ୧୯୫୦

(B) ୧୯୪୮

(C) ୧୯୫୧

(D) ୧୯୪୯

69. 'ସ୍ତୁତି ଚିନ୍ତାମଣି' କେତେ ବୋଲି ବିଶିଷ୍ଟ ଗ୍ରନ୍ଥ ?

(A) ୯୬

(B) ୮୯

(C) ୧୦୦

(D) ୭୯

70. 'ଆଗୋ ସହଚରି, ହେଲି ଲୋହକାର ସଣ୍ଢୁଆସି ପରି' କେଉଁ ପଦାବଳୀ କବିଙ୍କ ରଚନା ?

(A) ଗୌରହରି

(B) କବିସୂର୍ଯ୍ୟ

(C) ଗୋପାଳକୃଷ୍ଣ

(D) ବନମାଳୀ

71. 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ' — ଏହା ସ୍ତୁତି ଚିନ୍ତାମଣିର କେତେ ନମ୍ବର ବୋଲିରେ ସ୍ଥାନିତ ?

(A) ୧୬

(B) ୧୭

(C) ୧୮

(D) ୧୯



Teachingninja.in

72. 'ଅତି ସୁରୂପା ଚହଟ ଚଂପା ଭ୍ରମର ନଯାଇ ପାଶରେ, ସ୍ତନ ଯଉବନ ପାଚି ଫୁଟି ଅଛି ପୁରୁଷରେ ନାହିଁ ଆଶରେ' — ଏହା କି ଧରଣର ରଚନା ?

(A) ଢଗ

(B) ପ୍ରବାଦ ପ୍ରବଚନ

(C) ଚାଟୁ

(D) ରଢ଼ି

73. ବନମାଳୀଙ୍କ ବୈଷ୍ଣବ ନାମ କ'ଣ ଥିଲା ?

(A) ସୁଧାନନ୍ଦ

(B) ପ୍ରେମାନନ୍ଦ

(C) ଅମୃତାନନ୍ଦ

(D) ବଲ୍ଲଭାନନ୍ଦ

74. ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ଜନ୍ମସ୍ଥାନ କେଉଁଠି ?

(A) ବ୍ରହ୍ମପୁର

(B) ପାରଳାଖେମୁଣ୍ଡି

(C) ଦିଗପହଣ୍ଡି

(D) ଛତ୍ରପୁର

75. 'ଶ୍ୟାମକୁ ଲୁହାର ତାର ପ୍ରେମକୁ ଲୁହାର ମା ସେ କରୁ ଗୋ ସେ ପୀରତି ଯା ଦେହ ଲୁହାର ମା' କେଉଁ ପଦାବଳୀ କବିଙ୍କ ରଚନା ?

(A) ବନମାଳୀ

(B) କବିସୂର୍ଯ୍ୟ

(C) ଗୌରଚରଣ

(D) ଗୋପାଳକୃଷ୍ଣ

76. 'ବିବାସିନୀ' ଉପନ୍ୟାସ କେଉଁ ମସିହାରେ ପ୍ରକାଶ ପାଇଥିଲା ?

(A) ୧୮୭୯

(B) ୧୮୮୮

(C) ୧୮୯୧

(D) ୧୮୯୦

77. 'ସୌଦାମିନୀ' ଉପନ୍ୟାସ କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?

(A) ଉତ୍କଳ ମଧୁପ

(B) ଉତ୍କଳ ସାହିତ୍ୟ

(C) ଉତ୍କଳ ଦର୍ପଣ

(D) ଉତ୍କଳ ହିତୈଷିଣୀ

78. ଫକୀରମୋହନଙ୍କ କେଉଁ ଉପନ୍ୟାସଟି ଇତିହାସକୁ କେନ୍ଦ୍ର କରି ଲିଖିତ ?

(A) ମାମୁଁ

(B) ପ୍ରାୟଶ୍ଚିତ

(C) ଛ'ମାଣ ଆଠଗୁଣ୍ଠ

(D) ଲଛମା

79. ମଧୁସୂଦନ ରାଓ କେଉଁ ଧର୍ମ ଗ୍ରହଣ କରିଥିଲେ ?

(A) ବୈଷ୍ଣବ ଧର୍ମ

(B) ବ୍ରାହ୍ମ ଧର୍ମ

(C) ବୌଦ୍ଧ ଧର୍ମ

(D) ମହିମା ଧର୍ମ



Teachingninja.in

80. 'ବିବାସିନୀ' କେଉଁ ପ୍ରକାରର ଉପନ୍ୟାସ ?

(A) ପୌରାଣିକ

(B) ଐତିହାସିକ

(C) ସାମାଜିକ

(D) ରାଜନୀତିକ

81. ବଗଲା ବଗୁଲି ଗଳ୍ପର ଲେଖକ କିଏ ?

(A) ଫକୀରମୋହନ

(B) ଚନ୍ଦ୍ରଶେଖର

(C) ଜଳନ୍ଧର

(D) ବାଙ୍କାନିଧି

82. 'ଛ'ମାଣ ଆଠଗୁଣ୍ଠ'ରେ ବର୍ଣ୍ଣିତ ଗାଈର ନାମ କ'ଣ?

(A) ପାଟ

(B) ରଂଗୀ

(C) ନେତ

(D) କାଳୀ

83. ''ଅଶବ୍ଦ ଶବଦ ସେହି ଅରୂପ ଅରସ
କିନ୍ତୁରେ ପରମ ସତ୍ୟ ମହାନନ୍ଦ ରସ'' —
ଏହା ମଧୁସୂଦନ ରାଓଙ୍କ କେଉଁ କବିତାର ଅଂଶବିଶେଷ ?

(A) ହିମାଚଳେ ଉଦୟଉତ୍ସବ

(B) ଋଷିପ୍ରାଣେ ଦେବାବତରଣ

(C) ଏ ସୃଷ୍ଟି ଅମୃତମୟ ହେ

(D) ଜୀବନ ଚିନ୍ତା

84. ରାଧାନାଥ ରାୟଙ୍କ ଜନ୍ମ ମସିହା ଓ ତାରିଖ କେତେ ?

(A) ୧୮୪୮, ଜୁଲାଇ ୧୩

(B) ୧୮୪୬, ଅକ୍ଟୋବର ୧୧

(C) ୧୮୪୯, ଜାନୁୟାରୀ ୧୫

(D) ୧୮୪୮, ସେପ୍ଟେମ୍ବର ୨୮

85. ''ମହାବଳୀ ପ୍ରେମ ଅଟଇ ମହୀର,
ପ୍ରେମ ସିନାକରେ ଅବଳାକୁ ବୀର'' —
ଏହା କେଉଁ କାବ୍ୟରୁ ଆନୀତ ?

(A) ଉଷା

(B) ଚନ୍ଦ୍ରଭାଗା

(C) ନନ୍ଦିକେଶରୀ

(D) କେଦାରଗୌରୀ

86. ମଧୁସୂଦନ ରାଓ କେଉଁ ପତ୍ରିକାର ସଂପାଦକ ଥିଲେ ?

(A) ଧର୍ମବୋଧିନୀ

(B) ବୋଧଦାୟିନୀ

(C) ସଂସ୍କାରକ

(D) ନବବିଧାନ

87. 'ଆଟ୍‌ଲାଣ୍ଟାରେସ୍' ଅନୁସରଣରେ ରାଧାନାଥଙ୍କ କେଉଁ କାବ୍ୟ ରଚିତ ?

(A) ଚନ୍ଦ୍ରଭାଗା

(B) ଚିଲିକା

(C) କେଦାରଗୌରୀ

(D) ଉଷା



Teachingninja.in

88. ''ଦରିଦ୍ରତା ପଙ୍କ ପୂର୍ଣ୍ଣ ମୋ ଜୀବନ ସର

ଙ୍କାଳ ଜଳଦ ଜଳେ ଆବିଳ ଉଦର''

କବିତାଂଶଟିର ସ୍ରଷ୍ଟା କିଏ ?

(A) ରାଧାନାଥ

(B) ମଧୁସୂଦନ

(C) ଗଙ୍ଗାଧର

(D) ନନ୍ଦକିଶୋର

89. 'ଭାଷା-ଚର୍ଚ୍ଚା'ପ୍ରବନ୍ଧର ସ୍ରଷ୍ଟା କିଏ ?

(A) ତାରିଣୀ ଚରଣ ରଥ

(B) ବିଶ୍ୱନାଥ କର

(C) ରତ୍ନାକର ପତି

(D) ଜଗବନ୍ଧୁ ସିଂହ

90. କେଉଁ ଗ୍ରନ୍ଥଟି ଗଙ୍ଗାଧରଙ୍କ ପ୍ରଥମ ପ୍ରକାଶିତ ରଚନା ?

(A) ତପସ୍ୱିନୀ

(B) କୀଚକବଧ

(C) ଅର୍ଘ୍ୟଥାଳୀ

(D) ଅହଲ୍ୟାସ୍ତବ

91. 'ଅନନ୍ତ ପ୍ରେମ' କି ପ୍ରକାରର ପ୍ରବନ୍ଧ ?

(A) ଦାର୍ଶନିକ

(B) ଆଧ୍ୟାତ୍ମିକ

(C) ବୈଜ୍ଞାନିକ

(D) ନିତୀଶିକ୍ଷା ମୂଳକ

92. 'କନକଲତା' ଉପନ୍ୟାସରେ କେଉଁ ଦୁଇଟି ପରିବାରର ଚିତ୍ର ପ୍ରଦତ୍ତ ?

(A) ପ୍ରଧାନ-ରାଉତ

(B) ସାମନ୍ତରାୟ-ପରିଡ଼ା

(C) ହରିଚନ୍ଦନ-ପାଇକରାୟ

(D) ମହାପାତ୍ର-ସାହୁ

93. ନନ୍ଦକିଶୋର ବଳଙ୍କ ଜନ୍ମ ମସିହା କେତେ ?

(A) ୧୮୭୪

(B) ୧୮୭୫

(C) ୧୮୮୯

(D) ୧୮୯୦

94. 'ଅଜ୍ଞ ଓ ହେବୁ' ପ୍ରବନ୍ଧର ଲେଖକ କିଏ ?

(A) ଶଶିଭୂଷଣ

(B) ମୋହିନୀମୋହନ

(C) ବିଶ୍ୱନାଥ

(D) ନୀଳକଣ୍ଠ

95. 'ମାଟିର ମଣିଷ' ଉପନ୍ୟାସର ପୃଷ୍ଠଭୂମି କ'ଣ ?

(A) ମାର୍କ୍ସବାଦ

(B) ଗାନ୍ଧିବାଦ

(C) ପ୍ରଗତିବାଦ

(D) ବାସ୍ତବବାଦ



Teachingninja.in

96. 'ଶତାବ୍ଦୀର ସୂର୍ଯ୍ୟ'କି ଧରଣର ଉପନ୍ୟାସ ?

(A) ରାଜନୀତିକ ଉପନ୍ୟାସ

(B) ଐତିହାସିକ ଉପନ୍ୟାସ

(C) ଚରିତ ଉପନ୍ୟାସ

(D) ଚେତନା ପ୍ରବାହ ମୂଳକ ଉପନ୍ୟାସ

97. ସଚ୍ଚି ରାଉତରାୟ କାହାକୁ 'କୋଟି କଙ୍କାଳ ଭଗ୍ନ ବୁକୁର ସ୍ତୁପ' ବୋଲି କହିଛନ୍ତି ?

(A) ଲିଙ୍ଗରାଜ ମନ୍ଦିର

(B) ପୁରୀ ମନ୍ଦିର

(C) କୋଣାର୍କ ମନ୍ଦିର

(D) କେଦାରଗୌରୀ ମନ୍ଦିର

98. 'ଗାର୍ଲସ୍କୁଲ' କେଉଁ ଥିଏଟରରେ ଅଭିନୀତ ହୋଇଥିଲା ?

(A) କଳିଙ୍ଗ ଥିଏଟର୍ସ

(B) ଜନତା ଥିଏଟର୍ସ

(C) ଅନ୍ନପୂର୍ଣ୍ଣା ଥିଏଟର୍ସ

(D) ଓଡ଼ିଶା ଥିଏଟର୍ସ

99. ସୁକୁଜାନି ଗୋପୀନାଥଙ୍କ କେଉଁ ଉପନ୍ୟାସର ଚରିତ୍ର ?

(A) ପରଜା

(B) ଅମୃତର ସନ୍ତାନ

(C) ଦାଦିବୁଢ଼ା

(D) ଶିବଭାଇ

100. କେଉଁ ଉପନ୍ୟାସ ପାଇଁ ଗୋପୀନାଥ ଜ୍ଞାନପୀଠ ପୁରସ୍କାର ପାଇଛନ୍ତି ?

(A) ଅମୃତର ସନ୍ତାନ

(B) ମାଟି ମଟାଳ

(C) ପରଜା

(D) ଦାଦିବୁଢ଼ା

..............



Teachingninja.in

## SPACE FOR ROUGH WORK

Teachingninja.in



Teachingninja.in

SEAL
Teachingninja.in
Teachingninja.in